# NATIONAL NEWS BULLETIN (ODIA)
## 6 February-2025
### Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଗତକାଲି ଶାନ୍ତିଶୃଙ୍ଖଳାର ସହ ମତଦାନ ସମ୍ପନ୍ନ ।

– ୬୦ ଦଶମିକ ୪/୨ ପ୍ରତିଶତ ମତଦାତା ସାବ୍ୟସ୍ତ କଲେ ନିଜର ମତାଧିକାର ।

- ଆଗାମୀ ଦଶନ୍ଧିରେ ଦେଶର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ହେବ ଉଲ୍ଲେଖନୀୟ ରୂପାନ୍ତରୀକରଣ; କହିଲେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ
- ପ୍ରୟାଗରାଜର ମହାକୁମ୍ଭଠାରେ ଆଜି ଅନୁଷ୍ଠିତ ହେବ ଜନଜାତି ସଂସ୍କୃତି ସମାଗମ–୨୦୨୫ ।
- ଆମେରିକାରେ ବେଆଇନ ଭାବେ ରହୁଥିବା ୧୦୪ ଜଣ ଭାରତୀୟଙ୍କୁ ଗତକାଲି ବିମାନ ଯୋଗେ ଭାରତ ପଠାଇଲେ ସେଠାକାର ସରକାର ।

ଏବଂ

- ଭାରତ-ଇଂଲଣ୍ଡ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ଖେଳାଯିବ ନାଗପୁରରେ ।

# ଦିଲ୍ଲୀ- ଇଲେକସନ୍

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଗତକାଲି ଶାନ୍ତିଶୃଙ୍ଖଳାର ସହ ମତଦାନ ସମ୍ପନ୍ନ ହୋଇଛି। ହାରାହାରି ୬୦ ଦଶମିକ ୪/୨ ପ୍ରତିଶତ ମତଦାତା ଏହି ଅବସରରେ ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିଛନ୍ତି। ଉତ୍ତର-ପୂର୍ବ ଦିଲ୍ଲୀ ଜିଲ୍ଲାରେ ସର୍ବାଧିକ ୬୬ ଦଶମିକ ୨/୫ ପ୍ରତିଶତ ମତଦାନ ହୋଇଛି। ସେହିଭଳି ଶାହାଦାରା ଜିଲ୍ଲାରେ ୬୩ ଦଶମିକ ୯/୪ ପ୍ରତିଶତ, ଉତ୍ତର-ପଶ୍ଚିମ ଦିଲ୍ଲୀରେ ୬୦ ଦଶମିକ ୭ ପ୍ରତିଶତ ଏବଂ ଉତ୍ତର-ଦିଲ୍ଲୀରେ ୫୯ ଦଶମିକ ୫/୫ ପ୍ରତିଶତ ମତାଧିକାର ସାବ୍ୟସ୍ତ ହୋଇଛି। ଏହାଛଡ଼ା ଦକ୍ଷିଣ-ପୂର୍ବ ଦିଲ୍ଲୀରେ ସର୍ବନିମ୍ନ ୫୬ ଦଶମିକ ୧/୬ ପ୍ରତିଶତ ମତଦାନ ହୋଇଛି ବୋଲି ଜଣାପଡ଼ିଛି।

ଗତକାଲି ନିର୍ବାଚନ ପରେ ଯେଉଁ ସବୁ ପ୍ରମୁଖ ନେତାମାନଙ୍କର ଭାଗ୍ୟ ଇଭିଏମ୍ ମଧ୍ୟରେ ବନ୍ଦ ହୋଇ ରହିଛି, ସେମାନଙ୍କ ମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟି ନେତା ଅରବିନ୍ଦ କେଜରିୱାଲ, ଆତିଶି, ମନିଷ ସିସୋଦିଆ, ବିଜେପିର ପରବେଶ ବର୍ମା, ବିଜେନ୍ଦର ଗୁପ୍ତା, ଅରବିନ୍ଦର ସିଂ ଲବ୍‌ଲି ଏବଂ

ରମେଶ ବିଧୁରୀ ଥିବା ବେଳେ କଂଗ୍ରେସର ଦେବେନ୍ଦ୍ର ଯାଦବ, ସନ୍ଦୀପ ଦୀକ୍ଷିତ ଓ ଆଲ୍‌କା ଲାମ୍ବା ଅନ୍ତର୍ଭୁକ୍ତ। ଏହି ନିର୍ବାଚନରେ ମୋଟ୍ ୬୯୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ୧ କୋଟି ୫୬ ଲକ୍ଷରୁ ଅଧିକ ମତଦାତାଙ୍କ ପାଇଁ ଗତକାଲି ୧୩ ହଜାର ୭୦୦ରୁ ଊର୍ଦ୍ଧ୍ୱ ବୁଥ୍ ପ୍ରତିଷ୍ଠା କରାଯାଇଥିଲା।

ନିର୍ବାଚନକୁ ଶାନ୍ତିଶୃଙ୍ଖଳା ତଥା ଅବାଧରେ ନିରପେକ୍ଷତାର ସହ ସମ୍ପନ୍ନ କରିବା ଲାଗି ଜାତୀୟ ରାଜଧାନୀରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ନିର୍ବାଚନ ସମୟରେ ଅର୍ଥବଳ ବ୍ୟବହାର କରିବା ଦିଗରେ ଶୂନ୍ୟ ସହନଶୀଳତା ନୀତି କାର୍ଯ୍ୟକାରୀ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଗତ ମାସ ୭ ତାରିଖ ଦିନ ଦିଲ୍ଲୀ ନିର୍ବାଚନ ସମ୍ପର୍କରେ ଆୟୋଗକଙ୍କ ପକ୍ଷରୁ ଘୋଷଣା ହେବା ପରଠାରୁ ଗତକାଲି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପ୍ରାୟ ୨୩୬ କୋଟି ନଗଦ ଟଙ୍କା ଜବତ କରାଯାଇଛି। ଆସନ୍ତା ଶନିବାର ଦିନ ଭୋଟ୍‌ଗଣତି କରାଯିବ।

ଏଥିସହିତ ଗତକାଲି ଉତ୍ତରପ୍ରଦେଶ ମିଲ୍କିପୁର ଏବଂ ତାମିଲନାଡୁର ଇରୋଡ଼୍-ପୂର୍ବ ବିଧାନସଭା ଆସନ ଲାଗି ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମିଲ୍କିପୁରରେ ପ୍ରାୟ ୬୫ ଦଶମିକ ୩/୫ ପ୍ରତିଶତ ଏବଂ ଇରୋଡ-ପୂର୍ବରେ ପ୍ରାୟ ୬୭ ଦଶମିକ ୯/୭ ପ୍ରତିଶତ ମତଦାତା ନିଜର ମତଦାନ ସାବ୍ୟସ୍ତ କରିଥିବା ଜଣାପଡ଼ିଛି।

# ଜ୍ୟୋତିରାଦିତ୍ୟ ସିନ୍ଧିଆ

ଆଗାମୀ ଦଶନ୍ଧିରେ ଦେଶର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଏକ ଉଲ୍ଲେଖନୀୟ ରୂପାନ୍ତରୀକରଣ ଯାତ୍ରାରେ ସାମିଲ ହେବେ ବୋଲି ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମତବ୍ୟକ୍ତ କରିଛନ୍ତି। ଗତକାଲି ଚେନ୍ନାଇଠାରେ ଏକ ସମାରୋହରେ ସେ କହିଛନ୍ତି, ଏହି ରୂପାନ୍ତରୀକରଣ ଦ୍ୱାରା ସମଗ୍ର ବିଶ୍ୱର ଦ୍ରୁତ ଅଭିବୃଦ୍ଧି ହାସଲ ଦିଗରେ ଏହି ରାଜ୍ୟଗୁଡ଼ିକ ସହାୟକ ହୋଇପାରିବେ। ସମ୍ପୃକ୍ତ ଅଞ୍ଚଳରେ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଦୂରଦୃଷ୍ଟି ସମ୍ପନ୍ନ ଅନେକ ପ୍ରକଳ୍ପର କାର୍ଯ୍ୟକାରୀ କରିଛନ୍ତି ବୋଲି ଶ୍ରୀ ସିନ୍ଧିଆ କହିଛନ୍ତି। ସେ କହିଛନ୍ତି, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଉପରେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ସହିତ ଗତ ୧୦ ବର୍ଷ ମଧ୍ୟରେ ସେଠାରେ ରେଳ, ସଡ଼କ ଓ ବାୟୁସେବାରେ ଆଧୁନିକୀକରଣ କରାଯିବା ସହ ମୌଳିକ ଢାଞ୍ଚାଗତ ସୁବିଧା ପ୍ରଦାନ କରାଯାଇଛି।

# ଜୟଶଙ୍କର- ଏସ୍‌ସିଓ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଗତକାଲି ଇଜିପ୍ଟର ପ୍ରତିପକ୍ଷ ଡକ୍ଟର ବି.ଆବଦେଲାତିଙ୍କ ସହିତ ଟେଲିଫୋନ୍ ଯୋଗେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶେଷ

କରି ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରହିଥିବା ଦ୍ୱିପକ୍ଷୀୟ ସମ୍ପର୍କ ଏବଂ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟାର ସମାଧାନ ଉପରେ ଦୁଇ ନେତା ଆଲୋଚନା କରିଥିବା ଜଣାଯାଇଛି ।

ଅନ୍ୟପକ୍ଷରେ ଡକ୍ଟର ଜୟଶଙ୍କର ଗତକାଲି ନୂଆଦିଲ୍ଲୀଠାରେ ସାଂଘାଇ ସହଯୋଗ ସଂଗଠନର ମହାସଚିବ  ନୁରଲାନ୍ ୟେର୍‌ମେକ ବାୟେଭ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସଂଗଠନର ନୂତନ ଭାବେ ଦାୟିତ୍ୱ ନେଇଥିବା ଦୃଷ୍ଟିରୁ ଡକ୍ଟର ଜୟଶଙ୍କର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ଏକ ସୁରକ୍ଷିତ ସାଂଘାଇ ସହଯୋଗ ସଂଗଠନ ଗଠନ ସହିତ ଭାରତର ଏ ଦିଗରେ ପ୍ରତିବଦ୍ଧତା ସମ୍ପର୍କରେ ସେମାନେ ବିସ୍ତୃତ ଆଲୋଚନା କରିଛନ୍ତି ।

## ଗ୍ରୀସ୍- ଏଫ୍ଏମ୍

ଗ୍ରୀସ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଜର୍ଜ ଗେରା-ପ୍ରେଟ୍ରିଟିସ୍ ଚାରିଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଁଞ୍ଚିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ଗେରା-ପ୍ରେଟ୍ରିଟିସ୍ ତାଙ୍କର ଭାରତୀୟ ପ୍ରତିପକ୍ଷ ଡକ୍ଟର ଏସ୍.ଜୟଶଙ୍କରଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ । ବିଶେଷ କରି ଦୁଇଦେଶ ମଧ୍ୟରେ ରଣନୈତିକ ଭାଗିଦାରୀ  ଓ ବିଭିନ୍ନ କ୍ଷେତ୍ରରେ ଥିବା ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇବ ବୋଲି ଜଣାପଡ଼ିଛି ।

## ଅମିତ ଶାହା-ଗୁଜୁରାଟ

ଚଳିତ କେନ୍ଦ୍ର ବଜେଟ୍‌ରେ ଗୁଜୁରାଟ ଲାଗି ରେଳବାଇ ବାବଦରେ ୧୭ ହଜାର ୧୫୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ଦୃଷ୍ଟିରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଗୁଜୁରାଟ ସମେତ ସମଗ୍ର ଦେଶରେ ରେଳ ସମ୍ପ୍ରସାରଣ ଓ ବିକାଶ ଦିଗରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହୋଇଛି। କେନ୍ଦ୍ର ବଜେଟ୍ ୨୦୨୫-୨୬ ଏହି ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବ। ରେଳବାଇ କ୍ଷେତ୍ରର ବିକାଶ ହୋଇପାରିଲେ ବାଣିଜ୍ୟ, ଶିଳ୍ପ, ଗମନାଗମନ ତଥା ନିଯୁକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆସିପାରିବ ବୋଲି ଶ୍ରୀ ଶାହା କହିଛନ୍ତି।

## ମହାକୁମ୍ଭ- ଯୁବାକୁମ୍ଭ

ପ୍ରୟାଗରାଜର ମହାକୁମ୍ଭଠାରେ ଆଜି ଜନଜାତି ସଂସ୍କୃତି ସମାଗମ-୨୦୨୫ ଅନୁଷ୍ଠିତ ହେବ। ଏହି ଅବସରରେ ଦେଶବ୍ୟାପୀ ୧୫ ହଜାରରୁ ଊର୍ଦ୍ଧ୍ୱ ଜନଜାତିବର୍ଗ ବ୍ୟକ୍ତି ସେଠାରେ ବୁଡ଼ ପକାଇବାର କାର୍ଯ୍ୟକ୍ରମ ରହିଛି।

ଏ ସମ୍ପର୍କରେ ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ଜନଜାତି ସମ୍ପ୍ରଦାୟର ପରମ୍ପରା ଓ ସଂସ୍କୃତିକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ସମସ୍ତେ ସେଠାରେ ଏହି ଅବସରରେ ପ୍ରତିଜ୍ଞାବଦ୍ଧ ହେବେ। ବିର୍ସା ମୁଣ୍ଡାଙ୍କର ୧୫୦ତମ ଜୟନ୍ତୀକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୨୦୨୫କୁ ଜନଜାତି ଗୌରବ ବର୍ଷଭାବେ ଘୋଷଣା କରାଯାଇଛି।

ଏହି ସମାଗମ ଅବସରରେ ଆଜି ମହାକୁମ୍ଭଠାରେ ଏକ ଯୁବକୁମ୍ଭ ଅନୁଷ୍ଠିତ ହେବ। କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ଉଇକେ ଏହି କୁମ୍ଭକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଏଥିରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ରାଜ୍ୟର ଜନଜାତି ସମ୍ପ୍ରଦାୟର ୨୫ ଜଣ ଯୁବକ/ଯୁବତୀଙ୍କୁ ପୁରସ୍କୃତ କରାଯିବ। ଏହାଛଡ଼ା ସେଠାରେ ଜନଜାତି ସମାଜ ଏବଂ ଏହାର କଳା, ସଂସ୍କୃତି ସମ୍ପର୍କିତ ଏକ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ପଞ୍ଜାବ-ଇଣ୍ଡିଆନ୍ସ ଡିପୋର୍ଟେଡ୍

ଯୁକ୍ତରାଷ୍ଟ୍ର ଆମେରିକାରେ ବେଆଇନ ଭାବେ ରହୁଥିବା ୧୦୪ ଜଣ ଭାରତୀୟଙ୍କୁ ଗତକାଲି ସେଠାକାର ସରକାର ଏକ ବିମାନ ଯୋଗେ ଭାରତ ପଠାଇ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ବିମାନରେ ଭାରତ ଫେରିଥିବା ଯାତ୍ରୀମାନଙ୍କ ମଧ୍ୟରେ ୩୦ ଜଣ ପଞ୍ଜାବର ହୋଇଥିବା

ବେଳେ ଅନ୍ୟମାନେ ଚଣ୍ଡିଗଡ଼, ହରିୟାଣା, ଗୁଜୁରାଟ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶର ହୋଇଥିବା ଜଣାପଡ଼ିଛି। ଏହି ବିମାନ ଗତକାଲି ପଞ୍ଜାବର ଅମୃତସରସ୍ଥିତ ଶ୍ରୀ ଗୁରୁ-ରାମଦାସଜୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଁଞ୍ଚିବା ପରେ ପ୍ରଶାସନ ପକ୍ଷରୁ ଯାତ୍ରୀମାନଙ୍କର ନଥିପତ୍ର ଯାଞ୍ଚ କରାଯାଇ ସେମାନଙ୍କୁ ନିଜ ନିଜ ଘରକୁ ପଠାଇବାର ବ୍ୟବସ୍ଥା କରାଯାଇଥିଲା।

ଗତକାଲି ଆମେରିକାରୁ ଦେଶାନ୍ତର କରାଯାଇଥିବା ଏହି ଯାତ୍ରୀମାନଙ୍କର ହାତରେ ଏବଂ ଗୋଡ଼ରେ ଚେନ୍ ବନ୍ଧାଯାଇ ଭାରତ ପଠାଯାଇଥିବା ସମ୍ପର୍କିତ ଏକ ଖବରକୁ କେନ୍ଦ୍ର ସରକାରଙ୍କ  ପତ୍ର ସୂଚନା କାର୍ଯ୍ୟାଳୟ– ପିଆଇବିର ତଥ୍ୟ ଯାଞ୍ଚ ୟୁନିଟ୍ ଖଣ୍ଡନ କରିଛି।

# ଫ୍ରାନ୍ସ–ନୋ କନଫିଡେନ୍ସ ଭୋଟ୍

ଫ୍ରାନ୍ସର ସଂସଦରେ ସରକାରଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବଟି କାଟ୍ ଖାଇଯାଇଛି। ୨୦୨୫ ଲାଗି ଦେଶର ବଜେଟ୍‌କୁ ସଂସଦର ବିନା ଅନୁମୋଦନରେ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ବେରୋଉ ନିଜର ସ୍ୱତନ୍ତ୍ର ଗଣତାନ୍ତ୍ରିକ କ୍ଷମତା ଦ୍ୱାରା ମଞ୍ଜୁର କରାଇବାକୁ ନେଇ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ଅନସ୍ଥା ପ୍ରସ୍ତାବରେ ବିଜୟୀ ହେବା ପରେ ସରକାର ଏହି ବଜେଟ୍‌କୁ କାର୍ଯ୍ୟକାରୀ କରିବାରେ କୌଣସି ଆଇନଗତ ବାଧା ନାହିଁ ବୋଲି ଜଣାପଡ଼ିଛି।

## ନ୍ୟୁ ଆଗା ଖାଁ

ରାଜକୁମାର ରହିମ୍ ଅଲ୍-ହୁସାଇନିଙ୍କୁ ଇସ୍‌ମାଇଲ ମୁସଲିମ୍ ସମ୍ପ୍ରଦାୟର ନୂତନ ଆଗା ଖାଁ ତଥା ଆଧ୍ୟାତ୍ମିକ ନେତାଭାବେ ଘୋଷଣା କରାଯାଇଛି । ତାଙ୍କର ପିତା ଆଗା ଖାଁ ପଞ୍ଚମଙ୍କର ଇଚ୍ଛା ଅନୁଯାୟୀ ୫୩ ବର୍ଷ ବୟସ୍କ ରାଜକୁମାର ରହିମଙ୍କୁ ଇସମାଇଲ୍‌ସ୍ ମୁସଲମାନ ସମ୍ପ୍ରଦାୟର ୫୦ତମ ଇମାମ୍ ଭାବେ ମନୋନୀତ କରାଯାଇଛି ।

## କ୍ରିକେଟ- ଇଣ୍ଡିଆ-ଇଂଲଣ୍ଡ

ଭାରତ-ଇଂଲଣ୍ଡ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ମହାରାଷ୍ଟ୍ରର ନାଗପୁରଠାରେ ଖେଳାଯିବ । ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଏହି ଦିବାରାତ୍ର ମ୍ୟାଚ୍ ଅପରାହ୍ଣ ଗୋଟାଏ ୩୦ ମିନିଟ୍‌ରୁ ଆରମ୍ଭ ହେବ । ରୋହିତ ଶର୍ମା ଭାରତୀୟ ଦଳର ଅଧିନାୟକ ହୋଇଥିବା ବେଳେ ବିରାଟ କୋହଲି ଦଳକୁ ପ୍ରତ୍ୟାବର୍ତ୍ତନ କରିଛି । ସେହିଭଳି ବରୁଣ ଚକ୍ରବର୍ତ୍ତୀଙ୍କୁ ମଧ୍ୟ ଭାରତୀୟ ଦଳରେ ସାମିଲ କରାଯାଇଛି । ଇଂଲଣ୍ଡ ଦଳର ନେତୃତ୍ୱ ନେଉଛନ୍ତି ଯୋଶ୍ ବଟଲର୍ । ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ରବିବାର ଦିନ କଟକର ବାରବାଟୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ୧୨ ତାରିଖ ଦିନ ଅହମ୍ମଦାବାଦଠାରେ ଖେଳାଯିବ । ଦୁଇ

ଦେଶ ମଧ୍ୟରେ ସମ୍ପ୍ରତି ଶେଷ ହୋଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ରେ ଭାରତ ୪-୧ରେ ବିଜୟୀ ହୋଇଛି।

## ଟେବୁଲ ଟେନିସ୍-ସିଙ୍ଗାପୁର

ବିଶ୍ୱ ଟେବୁଲ ଟେନିସ୍ ସିଙ୍ଗାପୁର ସ୍ମାସ୍‌ର ପୁରୁଷ ଡବଲ୍ସ ବର୍ଗରେ ଭାରତୀୟ ଯୋଡ଼ି ମାନବ ଠାକର ଓ ମନୁଷ ଶାହା  ଆଜି କ୍ୱାର୍ଟର ଫାଇନାଲ ଖେଳିବେ।। ଏହି ଯୋଡ଼ି ଫ୍ରାନ୍ସର ଫ୍ଲୋରିୟାନ୍ ବୌରାସଉଦ ଏବଂ ଇଷ୍ଟେବାନ୍ ଡୋର୍‌ଙ୍କ ଯୋଡ଼ିକୁ ଆଜି ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଭେଟିବେ। ଗତକାଲି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ହଂକଂର ଓ୍ୱାନ୍ ଚୁଙ୍ଗ୍ ଟିଙ୍ଗ୍ ଓ ୟି-କ୍ୱାନ୍ ଟୋ ଯୋଡ଼ିକୁ ୩-୦ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।